aglasem.com

FOR AP CLASS 10 PREPARATION

AP SSC Model Paper 2027 Odia First Language - Model Paper 1

EXAM	YEAR	TYPE	SUBJECT
AP Class 10	2027	Sample Paper	Odia

BLUE PRINT AND MODEL PAPERS OF SSC PUBLIC EXAMINATIONS FOR THE ACADEMIC YEAR : 2026-27
(BY THE DIRECTOR OF GOVERNMENT EXAMINATIONS (S.S.C BOARD), A.P)

01 'O' & 02 'O'

SSC EXAMINATIONS - FIRST LANGUAGE(ODIA)

BLUE PRINT FOR FIRST LANGUAGE (ODIA) MODEL PAPER: 2026-27

Subject: ODIA **Max. Marks: 100** **Time: 3hrs. 15min**

I. ଶିକ୍ଷାମାନ–ଭାରତ୍ୱସାରଣୀ

କ୍ରମସଂଖ୍ୟା	ଶିକ୍ଷାମାନ	ମାର୍କ	ଶତକଡ଼ା
1.	ଅବବୋଧ	60	60%
2.	ସମ୍ବେଦନଶୀଳତା	20	20%
3.	ସୃଜନଶୀଳତା	20	20%
	ମୋଟ	**100**	**100%**

01 'O' & 02 'O'

II. ପାଠ୍ୟ ଭାରତ୍ୱ ସାରଣୀ/ବିଷୟ ସ୍ୱରୂପ ଭାରତ୍ୱ ସାରଣୀ

କ୍ରମସଂଖ୍ୟା	ପାଠ୍ୟାଂଶ/ବିଷୟ	ମାର୍କ	ଶତକଡ଼ା
1.	ପଦ୍ୟ	20	20%
2.	ଗଦ୍ୟ	20	20%
3.	ଗଳ୍ପଓଏକାଙ୍କିକା	20	20%
4.	ପଦ୍ୟ/ଗଦ୍ୟ ଅନ୍ତର୍ଭୁକ୍ତ ସୃଜନଶୀଳ ପ୍ରଶ୍ନ	08	08%
5.	ଭାଷାପ୍ରକରଣ	32	32%
	ମୋଟ	**100**	**100%**

III. ପ୍ରଶ୍ନର ସ୍ୱରୂପଗତ ଭାରତ୍ୱ ସାରଣୀ

କ୍ରମସଂଖ୍ୟା	ପ୍ରଶ୍ନ ସ୍ୱରୂପ	ପ୍ରଶ୍ନ ସଂଖ୍ୟା	ମାର୍କ	ମୋଟ ମାର୍କ	ଶତକଡ଼ା
1.	ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ	07	08	56	56%
2.	କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ	03	04	12	12%
3.	ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ	09	02	18	18%
4.	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	14	01	14	14%
	ମୋଟ	**33**		**100**	**100%**

01 'O' & 02 'O'

IV. 10ମ ଶ୍ରେଣୀ – ପ୍ରଥମଭାଷା – ଓଡ଼ିଆ ନକ୍‌ସା (ପରୀକ୍ଷାଯୋଜନା): 2026– 27

କ୍ରମ ସଂଖ୍ୟା	ପାଠ୍ୟାଂଶ	ଅବବୋଧ 60 ମାର୍କ				ସମ୍ବେଦନଶୀଳତା 20 ମାର୍କ		ସୃଜନଶୀଳତା 20 ମାର୍କ		ମୋଟ 100 ମାର୍କ			
		ଦୀର୍ଘ	କ୍ଷୁଦ୍ର	ଅତିକ୍ଷୁଦ୍ର	ନିର୍ଦ୍ଦିଷ୍ଟ	ଦୀର୍ଘ	ଅତିକ୍ଷୁଦ୍ର	ଦୀର୍ଘ	ଅତିକ୍ଷୁଦ୍ର	ଦୀର୍ଘ	କ୍ଷୁଦ୍ର	ଅତିକ୍ଷୁଦ୍ର	ନିର୍ଦ୍ଦିଷ୍ଟ
1.	ପଦ୍ୟ	$(8)^1$	$(4)^1$	-	-	$(8)^1$	-	-	-	$(8)^2$	$(4)^1$	-	-
2.	ଗଦ୍ୟ	$(8)^1$	$(4)^1$	-	-	$(8)^1$	-	-	-	$(8)^2$	$(4)^1$	-	-
3.	ଗଳ୍ପ ଓ ଏକାଙ୍କିକା	$(8)^1$	$(4)^1$	-	-	-	-	$(8)^1$	-	$(8)^2$	$(4)^1$	-	-
4.	ପଦ୍ୟ/ଗଦ୍ୟ ଅନ୍ତର୍ଭୁକ୍ତ ସୃଜନଶୀଳ ପ୍ରଶ୍ନ	-	-	-	-	-	-	$(8)^1$	-	$(8)^1$	-	-	-
5.	ଭାଷାପ୍ରକରଣ	-	-	$(2)^5$	$(1)^{14}$	-	$(2)^2$	-	$(2)^2$	-	-	$(2)^9$	$(1)^{14}$
	ମୋଟ	**24**	**12**	**10**	**14**	**16**	**4**	**16**	**4**	**56**	**12**	**18**	**14**
		60				**20**		**20**		**100**			

*ବନ୍ଧନୀ ମଧ୍ୟରେ ଥିବା ଅଙ୍କଟି ମାର୍କକୁ ସୂଚାଏ ଏବଂ ବାହାର ଅଙ୍କଟି ପ୍ରଶ୍ନର ସଂଖ୍ୟାକୁ ସୂଚାଏ ।

01 'O' & 02 'O

V. ପ୍ରଶ୍ନ ସ୍ୱରୂପ ବିଶ୍ଳେଷଣ ତାଲିକା – ପ୍ରଥମ ଭାଷା (ଓଡ଼ିଆ)

କ୍ରମ ସଂଖ୍ୟା	ଶିକ୍ଷାମାନ	ପ୍ରଶ୍ନର କ୍ରମିକ ସଂଖ୍ୟା	ପ୍ରଶ୍ନର ସ୍ୱରୂପ	ମାର୍କ	ପ୍ରଶ୍ନର ସ୍ୱରୂପ	
I.	ଅବବୋଧ	1.	ପରିଚିତ ପଦ୍ୟାଂଶ – ପ୍ରତିପଦାର୍ଥ (ଅନ୍ତର୍ଗତ ଚୟନମୂଳକ ପ୍ରଶ୍ନ)	8	ଦୀର୍ଘ ଉତ୍ତର ମୂଳକ	ପଦ୍ୟାଂଶର ପ୍ରତିପଦାର୍ଥ ଲେଖିବେ ।
		2.	ପରିଚିତ ଗଦ୍ୟାଂଶ - ପ୍ରଶ୍ନ	8	ଦୀର୍ଘ ଉତ୍ତର ମୂଳକ	ଗଦ୍ୟରୁ ଅନୁଚ୍ଛେଦ ଓ ପ୍ରଶ୍ନ (ଉତ୍ତର ସଂପୂର୍ଣ୍ଣ ବାକ୍ୟରେ ଲେଖିବେ ।)
		3.	ଗଳ୍ପରୁ ଘଟଣାକ୍ରମର ଉକ୍ତି କେଉଁ ଗଳ୍ପରୁ ଆସିଛି ତା'ର ନାମ ଲେଖିବା ।	8	ଦୀର୍ଘ ଉତ୍ତର ମୂଳକ	କେବଳ ଗଳ୍ପରୁ ଦିଆଯିବ ।ପ୍ରଦତ୍ତ ଘଟଣା କେଉଁ ଗଳ୍ପରୁ ଆସିଛି ତା'ର ନାମ ଲେଖିବା ।
		4.	କବି ପରିଚୟ	4	କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ	କେବଳ ପଦ୍ୟରୁ ଦିଆଯିବ ।
		5.	ପୃଷ୍ଠଭୂମି	4	କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ	କେବଳ ଗଦ୍ୟରୁ ଦିଆଯିବ ।
		6.	ଚରିତ୍ର ଚିତ୍ରଣ	4	କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ	କେବଳ ଗଳ୍ପରୁ ଦିଆଯିବ ।
		7.	କ) ଶବ୍ଦାର୍ଥ ଚିହ୍ନଟ କରିବା ଖ) ଶବ୍ଦାର୍ଥ ଚିହ୍ନଟ କରିବା (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	2x1 = 2	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ
		8.	କ) ପ୍ରତିଶବ୍ଦ ଚିହ୍ନଟ କରିବା ଖ) ପ୍ରତିଶବ୍ଦ ଚିହ୍ନଟ କରିବା (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	2x1 = 2	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ

		9.	କ) ଭିନ୍ନାର୍ଥ ଚିହ୍ନଟ କରିବା ଖ) ଭିନ୍ନାର୍ଥ ଚିହ୍ନଟ କରିବା (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	2x1 = 2	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟପ୍ରଶ୍ନାବଳୀ ଅନ୍ତର୍ଗତ
		10.	କ) ସନ୍ଧିବିଚ୍ଛେଦ ଚିହ୍ନଟ କରିବା ଖ) ସନ୍ଧିଗଠନ ଚିହ୍ନଟ କରିବା (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	2x1 = 2	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ
		11.	କ) ବିପରୀତାର୍ଥ ଚିହ୍ନଟ କରିବା ଖ) ବିପରୀତାର୍ଥ ଚିହ୍ନଟ କରିବା	2x1 = 2	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ
		12.	ଇଂରାଜୀରୁ ଓଡ଼ିଆ ଅନୁବାଦ (ବହୁବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		13.	ବାକ୍ୟର ଗଠନାତ୍ମକ ରୂପ (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		14.	ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		15.	ବାକ୍ୟର ଗଠନଗତ ରୂପାନ୍ତର (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ

		16.	ବାକ୍ୟ ସଂକ୍ଷେପଣ (ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ)	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		17.	ବାକ୍ୟରେ ଥିବା ରୂଢ଼ି ଚିହ୍ନଟ କରିବା	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		18.	ପ୍ରକୃତି ପ୍ରତ୍ୟୟ ଲେଖିବା	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ
		19.	ଲିଙ୍ଗ ପରିବର୍ତ୍ତନ	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ
		20.	ସାଧାରଣ ଅଶୁଦ୍ଧି	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		21.	'ଣ'ତ୍ୱ ବିଧି/'ଷ' ତ୍ୱ ବିଧି	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		22.	ବାକ୍ୟବିଚାର	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		23.	ପଦ ବିନ୍ୟାସ	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		24.	ବାକ୍ୟର ଅର୍ଥଗତ ରୂପାନ୍ତର	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		25.	ବାଚ୍ୟଗତ ରୂପାନ୍ତରୀକରଣ	1	ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ

କ୍ରମ ସଂଖ୍ୟା	ଶିକ୍ଷାମାନ	ପ୍ରଶ୍ନର କ୍ରମିକ ସଂଖ୍ୟା	ପ୍ରଶ୍ନର ସ୍ୱରୂପ	ମାର୍କ	ପ୍ରଶ୍ନର ସ୍ୱରୂପ	
II.	ସମ୍ବେଦନଶୀଳତା	26.	ବିଷୟବସ୍ତୁଗତ (ଅନ୍ତର୍ଗତ ଚୟନମୂଳକ ପ୍ରଶ୍ନ)	8	ଦୀର୍ଘ ଉତ୍ତର ମୂଳକ	କେବଳ ପଦ୍ୟରୁ ଦିଆଯିବ ।
		27.	ବିଷୟବସ୍ତୁଗତ (ଅନ୍ତର୍ଗତ ଚୟନମୂଳକ ପ୍ରଶ୍ନ)	8	ଦୀର୍ଘ ଉତ୍ତର ମୂଳକ	କେବଳ ଗଦ୍ୟରୁ ଦିଆଯିବ ।
		28.	ଅଳଙ୍କାର ଚିହ୍ନଟ କରି ନାମ ଲେଖିବା	2	ଅତିକ୍ଷୁଦ୍ର	ଶବ୍ଦାଳଙ୍କାର, ଅର୍ଥାଳଙ୍କାର
		29.	ଛନ୍ଦର ଉଦାହରଣ ଲେଖିବା	2	ଅତିକ୍ଷୁଦ୍ର	ବ୍ୟାକରଣ ଅନ୍ତର୍ଗତ ସମସ୍ତ ଛନ୍ଦ
III.	ସୃଜନଶୀଳତା	30.	ସୃଜନଶୀଳ ପ୍ରଶ୍ନ (ଅନ୍ତର୍ଗତ ଚୟନମୂଳକ ପ୍ରଶ୍ନ)	8	ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ	ପଦ୍ୟରୁ ଗୋଟିଏ ପ୍ରଶ୍ନ ଏବଂ ଗଦ୍ୟରୁ ଗୋଟିଏ ପ୍ରଶ୍ନ ଦିଆଯିବ ।(ଦୁଇଟି ପ୍ରଶ୍ନ ଗୋଟିଏ ବିଭାଗରେ ଦିଆଯିବ ନାହିଁ ।ପତ୍ରଲିଖନ, ସଂଳାପ, ବିଜ୍ଞାପନ, ସାକ୍ଷାତକାର, ଅଭିନନ୍ଦନ ପତ୍ର, କରପତ୍ର, ବର୍ଣ୍ଣନା, ସ୍ଲୋଗାନ୍ ପ୍ରଭୃତି ।)
		31.	ବିଷୟବସ୍ତୁଗତ (ଅନ୍ତର୍ଗତ ଚୟନମୂଳକ ପ୍ରଶ୍ନ)	8	ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ	କେବଳ ଏକାଙ୍କିକାରୁ ଦିଆଯିବ ।
		32.	ରୂଢି (ବାକ୍ୟଗଠନ)	2	ଅତିକ୍ଷୁଦ୍ର	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ
		33.	ଲୋକବାଣୀ (ପ୍ରୟୋଗ କରାଯାଇଥିବା ଲୋକବାଣୀଟି ଲେଖିବା ।)	2	ଅତିକ୍ଷୁଦ୍ର	ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ

01 'O' & 02 'O'

MODEL PAPER - 1
SSC PUBLIC EXAMINATIONS - 2026 -27

(BY THE DIRECTOR OF GOVERNMENT EXAMINATIONS (S.S.C BOARD), A.P)

First Language - ODIA

X Class] **(Max. Marks: 100)** **[Time: 3:15 Hrs.**

ଶୀକ୍ଷାର୍ଥୀଙ୍କୁ ସୂଚନା :

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ମାର୍କ ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ସ୍ପଷ୍ଟ ଓ ସୁନ୍ଦର ଭାବେ ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମ ପାର୍ଶ୍ୱରେ ଲେଖ ।

ବିଭାଗ – 1

I. ଅବବୋଧ **(60 ମାର୍କ)**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।**

1. ଯେକୌଣସି ଗୋଟିଏ ପଦ୍ୟାଂଶର ପ୍ରତିପଦାର୍ଥ ଲେଖ । **(8 ମାର୍କ)**

ଉତ୍ତଳ ଶୂରବର – ଦର୍ପିତ ଗେହା,
ଅରିକୁଳ – ଶୋଣିତ – ଚର୍ଚ୍ଚିତ – ଦେହା,
ବିଶ୍ୱଭୂମଣ୍ଡଳ – କୃତବର – ସ୍ନେହା
ଜନନୀ, ଜନନୀ, ଜନନୀ ।

(କିମ୍ବା)

ବିଭୂତିକି ଭୁଞ୍ଜୁଥିଲୁ ବିଭୂତି ଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣ ଯେ ?
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ ।।

[Turn Over

2. ନିମ୍ନ ପରିଚିତ ଗଦ୍ୟାଂଶଟି ପଢ଼ି, ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । **(8 ମାର୍କ)**

ଶ୍ରୀରାମକୃଷ୍ଣ ପୃଥିବୀରୁ ବିଦାୟ ନେବା ବେଳକୁ ନରେନ୍ ବାଇଶ ବର୍ଷର ସଂସାର ଅନଭିଜ୍ଞ ଯୁବକ । ବର୍ଷକ ପୂର୍ବରୁ ତାଙ୍କର ପିତା ବିଶ୍ୱନାଥ ଦତ୍ତ ଇହଧାମ ତ୍ୟାଗ କରିଥାଆନ୍ତି । ଦୁଇ ପିତାଙ୍କୁ ହରାଇ ସଂସାରରେ ଚଳିବା ଓ ସଂସାରକୁ ଚଳାଇବା, ଉଭୟ ବିଷୟରେ ନରେନ୍ ଏକୁଟିଆ ହୋଇଗଲେ । ଏକୁଟିଆ ସତ, କିନ୍ତୁ ଦୁର୍ବଳ ନୁହନ୍ତି । ଜଗତର ସବୁ ମହାନ୍ କର୍ମ ଏକୁଟିଆ ମଣିଷଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଦୃତମନା ବୀରପୁରୁଷ ନରେନ୍‌ଙ୍କୁ ଶ୍ରୀରାମକୃଷ୍ଣ ତାଙ୍କର ଜୀବନର କର୍ମ ଓ ଲକ୍ଷ୍ୟ ଭଲଭାବେ ଦେଖାଇ ଦେଇଥିଲେ ।

ପ୍ରଶ୍ନ : କ) ବିବେକାନନ୍ଦଙ୍କ ଗୁରୁ କିଏ ଥିଲେ ?

ଖ) ବିଶ୍ୱନାଥ ଦତ୍ତ କାହାର ପିତା ଅଟନ୍ତି ?

ଗ) ମହାନ୍ କର୍ମ କିଏ ସଂପାଦନ କରିଥାନ୍ତି ?

ଘ) ଶ୍ରୀରାମକୃଷ୍ଣ କାହା ଜୀବନର କର୍ମ ଓ ଲକ୍ଷ୍ୟ ଭଲଭାବେ ଦେଖାଇ ଦେଇଥିଲେ?

3 . ନିମ୍ନ ପ୍ରଦତ୍ତ ଘଟଣାଗୁଡ଼ିକ କେଉଁ ଗଳ୍ପରୁ ଆସିଛି ତା'ର ନାମ ସଂପୂର୍ଣ୍ଣ ବାକ୍ୟରେ ଲେଖ । **(8 ମାର୍କ)**

କ) ଦୁଇ ଆଣ୍ଠୁ ଭିତରେ ମୁହଁକୁ ଗୁଞ୍ଜି ବସି ରହିଲେ ଅଙ୍ଗଦ ।

ଖ) ''କାଲି ସକାଳର ରୁଟି ବାପା ।'' ଅସରପା ବୁଲି ଯାଇଛନ୍ତି । କୁକୁର ବି ଛୁଇଁଲା ନାହିଁ ।''

ଗ) ନଟବାବୁ ଧୀର ଗଳାରେ ଡାକିଲେ, 'ହରି, ଅଛୁ କିରେ ?'

ଘ) ଅଶୋକ କ୍ଷୁବ୍ଧ ସ୍ୱରରେ କହିଲେ, 'ମୁଁ କଳିଙ୍ଗ ପ୍ରଜାଙ୍କ ପ୍ରଶଂସା ଶୁଣିବାକୁ ଆପଣଙ୍କୁ ଏଠିକି ଡାକି ନାହିଁ ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଚାରି କିମ୍ବା ପାଞ୍ଚ ବାକ୍ୟରେ ଲେଖ ।** **(3x4= 12 ମାର୍କ)**

4 . କବିବର ରାଧାନାଥ ରାୟଙ୍କ ପରିଚୟ ପ୍ରଦାନ କର ।

5 . ''ନରେନ୍‌ରୁ ବିବେକାନନ୍ଦ'' ପ୍ରବନ୍ଧର ପୃଷ୍ଠଭୂମି ଲେଖ ।

6 . କାଠୁରିଆର ଚରିତ୍ର ଚିତ୍ରଣ କର ।

[Turn Over

aglasem.com For more Question Papers, Sample Papers, Notes & Syllabus visit aglasem.com

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଚିହ୍ନଟ କର । (5x2 =10 ମାର୍କ)**

7. କ] ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର **(2x1 =2 ମାର୍କ)**

ବରଗିଲା ସେ ଶୁକ ସାରଣ କରି ଚାର ଯେ ।

[ଏହି ପଦ୍ୟାଂଶର 'ଚାର' ଶବ୍ଦଟିର ଅର୍ଥ ବାଛି ଲେଖ ।]

ଅ) ମିତ ଆ) ଦୂତ ଇ) ପ୍ରେତ ଈ) ହିତ

ଖ] ଲକ୍ଷ୍ମୀକାନ୍ତ ପିତା–ମାତାଙ୍କର ଜ୍ୟେଷ୍ଠ ସନ୍ତାନ ଥିଲେ ।

[ଏଥିରେ ଥିବା ''ଜ୍ୟେଷ୍ଠ'' ଶବ୍ଦଟିର ଅର୍ଥ ବାଛି ଲେଖ ।]

ଅ) ଦ୍ୱିତୀୟ ଆ) ମଝିଆ ଇ) ସାନ ଈ) ବଡ଼

8. କ] ମଙ୍ଗଳେ ଅଇଲା ଉଷା – ବିକଚ ରାଜୀବ ଦୃଶା । **(2x1 =2 ମାର୍କ)**

[ଏଥିରେ ଥିବା ''ରାଜୀବ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ ।]

ଅ) ମଲ୍ଲୀ ଆ) ମାଳତୀ ଇ) ପଦ୍ମ ଈ) କଇଁ

ଖ] ଆଧୁନିକ ସଭ୍ୟତାର ଆଦର୍ଶ ଜାଣିଲେ ହିଁ ମୈତ୍ରୀର ଧ୍ୱଜା ଉଡ଼ିବ ।

[ଏଥିରେ ଥିବା ''ଧ୍ୱଜା'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ ।]

ଅ) ବୈରଖ ଆ) ବିପାକ ଇ) ବିଶ୍ୱାସ ଈ) ବିଦ୍ୱାନ

9. କ] ଘନଘନ ବନଭୂମି ରାଜିତ ଅଙ୍ଗେ, **(2x1 =2 ମାର୍କ)**

ନୀଳ ଭୂଧରମାଳା ସାଜେ ତରଙ୍ଗେ ।

[ଏଥିରେ ଥିବା 'ଘନ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ ।]

ଅ) ନିବିଡ଼, ମେଘ ଆ) ଘଞ୍ଚ, ବଣ

ଇ) ମେଘ, ଆକାଶ ଈ) ବଣ, ଜଙ୍ଗଲ

ଖ] ଗ୍ରାମଟିଯାକ ନବାଗତ ଅତିଥିରେ ପରିପୂର୍ଣ୍ଣ ହୋଇଗଲାଣି ।

[ଏଥିରେ ଥିବା 'ନବ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ ।]

ଅ) ନେବା, ନିଅ ଆ) ଆକାଶ, ନୂଆ

ଇ) ନୂତନ, ନେବା ଈ) ବଣ, ଆକାଶ

[Turn Over

10. କ] ବଜ୍ର ଆଘାତ ସମତଳ ପ୍ରହାରିଲା ବ୍ୟୋମେ ଯେ । **(2x1 =2 ମାର୍କ)**

[ଏଥିରେ ଥିବା ''ବଜ୍ର ଆଘାତ'' ଶବ୍ଦଟିର ସନ୍ଧିଶବ୍ଦ ବାଛି ଲେଖ ।]

ଅ) ବଜ୍ରାଘାତ ଆ) ବଜ୍ରାଘାତ ଇ) ବଜ୍ରାଘତ ଈ) ବଜ୍ରଘତ

ଖ] ମାତୃଭାଷାର ଉନ୍ନତି ପାଇଁ ନିରବଚ୍ଛିନ୍ନ ସାଧନା ଦରକାର ।

[ଏଥିରେ ଥିବା 'ନିରବଚ୍ଛିନ୍ନ' ଶବ୍ଦଟିର ସଠିକ୍ ସନ୍ଧିବିଚ୍ଛେଦଟିକୁ ଚିହ୍ନଟ କରି ଲେଖ ।]

ଅ) ନିର + ବିଚ୍ଛିନ୍ନ ଆ) ନିଃ + ବିଚ୍ଛିନ୍ନ

ଇ) ନିରବ + ଛିନ୍ନ ଈ) ନି + ବିଚ୍ଛିନ୍ନ

11. କ] କଳି ଉପଦ୍ରବେ ତ୍ୟଜି ଲୋକାଳୟ–ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ।**(2x1 =2 ମାର୍କ)**

[ଏଥିରେ ଥିବା ''ଶାନ୍ତି'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ବାଛି ଲେଖ ।]

ଅ) ପ୍ରୀତି ଆ) ମୈତ୍ରୀ ଇ) ଅଶାନ୍ତି ଈ) ବଇରି

ଖ] ଭାରତର ସଭ୍ୟତା ତ୍ୟାଗ ଓ ଆତ୍ମ ସଂଯମତାରୁ ସମ୍ଭବ ହୋଇଛି ।

[ଏଥିରେ ଥିବା ''ସମ୍ଭବ'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ବାଛି ଲେଖ ।]

ଅ) ବିସମ୍ଭବ ଆ) ଅସମ୍ଭବ ଇ) ସମ୍ଭାବ୍ୟ ଈ) ଅସମ୍ଭବତା

*** ନିମ୍ନ ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଚିହ୍ନଟ କରି ଲେଖ ।**

(5x1 =5 ମାର୍କ)

12. Time waits for none. **(1 ମାର୍କ)**

[ଏହି ଇଂରାଜୀ ବାକ୍ୟକୁ ଓଡ଼ିଆରେ ଅନୁବାଦ କଲେ ଏହା ଠିକ୍ ହେବ ।]

ଅ) ସମୟ ଅପେକ୍ଷାରେ ଥାଏ ।

ଆ) ସମୟ କାହାକୁ ଅପେକ୍ଷା କରେ ନାହିଁ ।

ଇ) ସମୟ ସର୍ବଦା ଗତିଶୀଳ ।

ଈ) ସମୟର ଅପେକ୍ଷାରେ ସମସ୍ତେ ଥାଆନ୍ତି ।

13. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ସରଳ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଗୋବର୍ଦ୍ଧନ ଦରିଦ୍ରମାନଙ୍କ ସେବା କରନ୍ତି ।

ଆ) ଶିକ୍ଷକ ଡାକିଲେ, ମାନସ ଓ ସୁରେଶ ପାଠ ପଢ଼ିଲେ ।

ଇ) ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ି ପାରିଲା ନାହିଁ ।

ଈ) ବାପା କେବେ ଆଶା କରି ନଥିଲେ ଯେ, ସୁରେଶ ଶ୍ରେଣୀରେ ପ୍ରଥମ ହେବ ।

[Turn Over

aglasem.com For more Question Papers, Sample Papers, Notes & Syllabus visit aglasem.com

14. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ଆଦେଶ ସୂଚକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଘରଟାକୁ ସଫା କରି ଦିଅ ।

ଆ) ନମିତା ଆସି ନାହାନ୍ତି କି ?

ଇ) ତୁମ ପାଖରେ ଏତେ ଟଙ୍କା !

ଈ) ଦୟାକରି ତୁମ କଲମଟା ଦିଅ ।

15. **ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ଯୌଗିକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଉର୍ବଶୀ ଭଲ ନାଚିବାରୁ ସୁନାମ ଅର୍ଜନ କରିଛି ।

ଆ) ଯଦି ଉର୍ବଶୀ ଭଲ ନାଚିବ, ତେବେ ସେ ସୁନାମ ଅର୍ଜନ କରିବ ।

ଇ) ଉର୍ବଶୀ ଭଲ ନାଚୁଛି, ତେଣୁ ସୁନାମ ଅର୍ଜନ କରୁଛି ।

ଈ) ଉର୍ବଶୀ ଭଲ ନାଚୁଛି ଓ ଏଥିପାଇଁ ସୁନାମ ଅର୍ଜନ କରୁଛି ।

16. ଜାଣିବାକୁ ଇଚ୍ଛାକରୁଥିବା ଛାତ୍ର ବିଦ୍ୟା ଲାଭ କରିବ । **(1 ମାର୍କ)**

[ଏହି ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ ।]

କ) ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ଜ୍ଞାନ ଲାଭ କରିବ ।

ଖ) ଜାଣିବାକୁ ଇଚ୍ଛା କରୁଥିବା ଛାତ୍ରୀ ବିଦ୍ୱାନ ହେବ ।

ଗ) ଜିଜ୍ଞାସୁ ଛାତ୍ର ବିଦ୍ୱାନ ହେବ ।

ଘ) ଜାଣିବାକୁ ଇଚ୍ଛା କରୁଥିବା ଲୋକେ ବିଦ୍ୱାନ ହେବେ ।

[Turn Over

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(9x1 =9 ମାର୍କ)**

17. ବଜାରର ଦର ଯେମିତି ହେଲାଣି ଅଳ୍ପ ରୋଜଗାରରେ ଚଳିବା କାଠିକର ପାଠ । **(1 ମାର୍କ)**

[ଏହି ବାକ୍ୟରେ ଥିବା ରୁଢ଼ିଟିକୁ ଚିହ୍ନଟ କରି ଲେଖ ।]

18. ବୈଜ୍ଞାନିକମାନେ ମାନବକୁ ଧ୍ୱଂସପଥର ପଥିକ କରୁଛନ୍ତି । **(1 ମାର୍କ)**

[ଏଥିରେ ଥିବା 'ବୈଜ୍ଞାନିକ' ପଦଟିର ପ୍ରକୃତି ପ୍ରତ୍ୟୟ ଲେଖ ।]

19. ଜନ୍ମଭୂମି ହେଉଛି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ । **(1 ମାର୍କ)**

[ଏଥିରେ ଥିବା 'ଶିକ୍ଷୟିତ୍ରୀ' ଶବ୍ଦଟିର ପୁଂଲିଙ୍ଗ ଶବ୍ଦ ଲେଖ ।]

20. ଗୌତମୀ ଗୀତ ପ୍ରତିଯୋଗିତାରେ ପୁରଷ୍କାର ପାଇଲେ । **(1 ମାର୍କ)**

[ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ଚିହ୍ନଟ କର ଓ ସଂଶୋଧନ କରି ଲେଖ ।]

21. 'ନ' ସ୍ଥାନରେ 'ଣ' ହେବା ବିଧିକୁ କ'ଣ କହନ୍ତି ? **(1 ମାର୍କ)**

22. ଗଛଟି ପାଣିରେ ଜଳିଗଲା । **(1 ମାର୍କ)**

[ଏହି ବାକ୍ୟରେ କେଉଁ ଲକ୍ଷଣଟିର ଅଭାବ ରହିଛି ?]

23. ରଶ୍ମି ଗୋଟିଏ ଭଲ ଗୀତ ଗାଇଲେ । **(1 ମାର୍କ)**

[ଏହି ବାକ୍ୟରେ ଥିବା କର୍ମ ପଦଟିକୁ ବାଛି ଲେଖ ।]

24. ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଠିକ୍ ହେଲା ନାହିଁ । **(1 ମାର୍କ)**

[ଏହି ବାକ୍ୟଟିକୁ ଅର୍ଥଗତ ରୂପାନ୍ତର ଦୃଷ୍ଟିରୁ ବିସ୍ମୟ ସୂଚକ ବାକ୍ୟରେ ପ୍ରକାଶ କର ।]

25. ରାଧାଶ୍ୟାମଙ୍କ ଦ୍ୱାରା ଭାଷଣ ଭଲ ହୁଏ । **(1 ମାର୍କ)**

[ଏହି କର୍ମବାଚ୍ୟଟିର କର୍ତ୍ତୃବାଚ୍ୟ ଲେଖ ।]

[Turn Over

aglasem.com For more Question Papers, Sample Papers, Notes & Syllabus visit aglasem.com

ବିଭାଗ – 2

II. ସମ୍ବେଦନଶୀଳତା। (20 ମାର୍କ)

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଆଠ କିମ୍ବା ଦଶ ବାକ୍ୟରେ ଲେଖ ।**

(2x8 = 16 ମାର୍କ)

26. ଭୀମସେନ ଦୁଇବାର ସିଂଘନାଦ ରଡ଼ି କରିବାବେଳେ କ'ଣ କ'ଣ ଘଟିଥିଲା ବର୍ଣ୍ଣନା କର ।

(କିମ୍ବା)

ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି – ଆଲୋଚନା କର ।

27. ପ୍ରାବନ୍ଧିକ ପଲ୍ଲୀକୁ ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ ବୋଲି କାହିଁକି ବିବେଚନା କରିଛନ୍ତି ପଠିତ ପ୍ରବନ୍ଧାନୁସରଣରେ ଆଲୋଚନା କର ।

(କିମ୍ବା)

କେଉଁ ଘଟଣାରୁ ସତ୍ୟତାକୁ ବିବେକାନନ୍ଦ ମର୍ମେ ମର୍ମେ ଅନୁଭବ କରିଥିଲେ ? ଆଲୋଚନା କର ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(2x2 = 4 ମାର୍କ)**

28. ''ଉତ୍ପଳ–କମଳା–ବିଳାସ–ଦୀର୍ଘିକା **(2 ମାର୍କ)**

ମରାଳ–ମାଳନୀ–ନୀଳାମ୍ବୁ–ଚିଲିକା''

[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହେଇଛି ତା'ର ନାମ ଲେଖ ।]

29. ''**ଭାଗବତ ବାଣୀ**' କିମ୍ବା ''**ବଙ୍ଗଳାଶ୍ରୀ**'' ଛନ୍ଦର ଏକ ଉଦାହରଣ ଦିଅ । **(2 ମାର୍କ)**

ବିଭାଗ – 3

III. ସୃଜନଶୀଳତା। **(20 ମାର୍କ)**

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୂନ ଆଠ କିମ୍ବା ଦଶ ବାକ୍ୟରେ ଲେଖ ।**

(2x8 = 16 ମାର୍କ)

3 0 .ପଠିତ କବିତା ଅବଲମ୍ବନରେ ମାଟିମାଆ ପ୍ରତି କବିଙ୍କ ମନୋଭାବର ପରିଚୟ ଜଣାଇ ସାନ ଭାଇ ନିକଟକୁ ପତ୍ର ଲେଖ ।

(କିମ୍ବା)

''ଜନଜୀବନରେ ମାତୃଭାଷାର ଆବଶ୍ୟକତା – ଏହି ପ୍ରସଙ୍ଗରେ ଏକ ପ୍ରବନ୍ଧ ଲେଖ ।

3 1 .'ଫଲ୍‌ଗୁ' ଏକାଙ୍କିକାର ସାରମର୍ମ ନିଜ ଭାଷାରେ ଲେଖ ।

(କିମ୍ବା)

'କୋଣାର୍କ' ମନ୍ଦିର ନିର୍ମାଣରେ ବିଶୁମହାରଣାଙ୍କ ଭୂମିକା ବର୍ଣ୍ଣନା କର ।

*** ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ନିର୍ଦ୍ଦେଶାନୁସାରେ ଲେଖ ।** **(2x2 = 4 ମାର୍କ)**

32. ''ଜପମାଳି'' – ଏହି ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର । **(2 ମାର୍କ)**

33. ସାମାନ୍ୟ ଖରାପ ଅନେକ ଭଲକୁ ନଷ୍ଟ କରିଦିଏ । **(2 ମାର୍କ)**

[ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି ଲେଖ ।]

****